# Akashvani, Sambalpur

## SAMBALPURI NEWS BULLETIN

### 28 August 2024- 6.47- 6.52 am.

*********************************************

ଏସ୍ଆଇଟିର୍ ଗୁରୁତ୍ୱପୂର୍ଣ୍ଣ ବୈଠକ   ଆର୍ଏନ୍ୟୁ ସମ୍ବଲପୁର

ଦେଶ୍ ଆର୍ ଦେଶ୍ ବାହାରେ ଜମା ଥିବାର୍ କଳାଧନ୍ ଠାବ୍ କର୍ବାର୍କେ ଗଢ଼ାଯାଇଥିବାର୍ ଏସ୍ଆଇଟିର୍ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ଆଏଜ୍ କଟକ୍ ନ ହେବା । ସୁପ୍ରିମ୍କୋର୍ଟର ଆଘର୍ ବିଚାର୍ପତି ଆର୍ ଏସ୍ଆଇଟିର୍ ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କର୍ ଆବାସିକ କାର୍ଯ୍ୟାଳୟ ନ ସଖାଲର୍ ୧୦ ବଜୁ ବୈଠକ୍ ମୁଲ୍ ହେବା । ବୈଠକ୍ଥି ପ୍ରବର୍ତନ୍ ନିର୍ଦ୍ଦେଶାଳୟର୍ ନିର୍ଦ୍ଦେଶକ୍ ରାହୁଲ୍ ନବୀନ୍ ଯୋଗ୍ ଦେବେ । ଇତାର୍ସହେତେ ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶକ୍ ଆର୍ ଅଲ୍ଗା ବିଭାଗ୍ର ଅଧିକାରୀମାନେ ଯୋଗ୍ ଦେବେ ବଲି ସୂଚ୍ନା ମିଳିଛେ ।

ସୁଭଦ୍ରା ଯୋଜ୍ନା        ଆର୍ଏନ୍ୟୁ / ସମ୍ବଲପୁର

ରାଏଜେ ସୁଭଦ୍ରା ଯୋଜ୍ନା ଲାଗି ଯୋଗ୍ୟ ହେଉଥିବା ପରିବାର୍‌ର ସବୁ ମହିଲାଙ୍କୁ ସାହାଜ୍ ଟଙ୍କା ମିଲ୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଆର୍ ମହିଲା ଆଉ ଶିଶୁବିକାଶ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଗଲାକାଏଲ୍ ବିଧାନ୍‌ସଭା ନ ସେ ଇ ବାବ୍‌ଦେ ଘୋଷ୍‌ନା କରିକରି କହିଛନ୍ ଯେ, ଯୋଗ୍ୟ ପରିବାର୍‌ର ବିଧବା ମହିଲା କି ଛାତ୍ରବୃତି ପାଉଥିବା କଲେଜ୍ ଝିଅ ଭିଲ୍ ଇ ଯୋଜ୍‌ନାଥି ସାମିଲ୍ ହେଇପାର୍‌ବେ । ରାଜ୍ୟର୍ ୧ କୋଟି ୮ ଲାଖ୍ ମହିଲାଙ୍କୁ ସୁଭଦ୍ରା ଯୋଜ୍‌ନାଥି ସାମିଲ୍ କରାଯିବା ବଲି ସେ କହିଛନ୍ ।

ମାଣ୍ଡିଆ ସମ୍ମିଲନୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଅନ୍ତର୍ଜାତୀୟ ଶ୍ରୀଅନ୍ନ - ମାଣ୍ଡିଆ ସମ୍ମିଲନୀ ଆଏବା ନଭେମ୍ବର୍ ୧୦ ତାରିଖ୍ ଦିନ ହେବା । ଇତାର୍ ଆୟୋଜନ୍‌କେ ନେଇକରି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ କୃଷି ଭବନ୍ ନ ଗଲାକାଏଲ୍ ଗୁଟେ ବୈଠକ୍ ହେଇଯାଇଛେ । ହଜିଯାଉଥିବା ପାରମ୍ପାରିକ୍ ଖାଏବାର୍ ଦରବ୍ ଆଉ ଗୁରୁତ୍ୱ ହରଉଥିବା ଫସଲ୍ ମାନ୍‌କୁ ପ୍ରୋତ୍ସାହନ୍ ଦେବାର୍‌ଟା ଇ ଅନ୍ତର୍ଜାତୀୟ ସମ୍ମିଲନୀର୍ ଉଦ୍ଦେଶ୍ ଆଏ ବଲି ମନ୍ତ୍ରୀ କହିଛନ୍ ।

ଖେତ୍ ପୋଖରୀ		ଆର୍ଏନ୍ୟୁ / ସମ୍ବଲପୁର

ନୂଆଁ ଜଲ୍ଧାରା - ଖେତ୍ ପୋଖରୀ ବନାବାର୍ ବାବ୍ଦେ ଭୁବ୍ନେଶ୍ୱର୍ କୃଷି ଭବନ୍ ନ ଗୁଟେ ସମୀକ୍ଷା ବୈଠକ୍ ଗଲାକାଏଲ୍ ହେଇଯାଇଛେ । ଇ ବୈଠକ୍ଥି କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଅଧ୍ୟକ୍ଷତା କରିଥିଲେ । ଏତ୍କେ ପାଏନ୍ ଅଭାବ୍ ଥିବାର୍ ଇଲାକା ନ ଜଲ୍ସେଚନ୍ ବ୍ୟବସ୍ଥିତ୍ କର୍ବାର୍କେ ବୈଠକ୍ଥି ନିଷ୍ପତି ନିଆଯାଇଛେ । ସେନ୍ତା ପାଏନ୍ ଅଭାବ୍ନୁ ହେଉଥିବା ଫସଲ୍ର ନୁକ୍ସାନ୍କେ ରୁକ୍ବାର୍ ଲାଗି ଖେତ ପୋଖରୀ କରାଯିବା । ପହେଲା ଖେପେ ବଲାଙ୍ଗିର୍, ନୂଆପଡ଼ା, ବର୍ଗଡ଼୍, କଲାହାଣ୍ଡି, ମାଲ୍କାନ୍ଗିରି ଆର୍ କୋରାପୁଟ୍ ନ ଇ ପ୍ରକଳ୍ପ କାମ୍ କର୍ବା ବଲି ବୈଠକ୍ନୁ ସୂଚ୍ନା ମିଲିଛେ ।

ଆର୍.ଆଇ.ଡି.ଏଫ୍.- ବୈଠକ		ଆର୍ଏନ୍ୟୁ / ସମ୍ବଲପୁର

ଗ୍ରାମୀଣ ଭିତିଭୂମି ବିକାଶ୍ - ଆର୍.ଆଇ.ଡି.ଏଫ୍. ପାଣ୍ଠିର ଉଚ୍ଚା ଦର୍ଜାର୍ କମିଟିର୍ ପହେଲା ବୈଠକ ଗଲାକାଏଲ୍ ଲୋକସେବା ଭବନ୍ ନ ହେଇଯାଇଛେ । ବୈଠକ୍ଥି ଉନ୍ନୟନ୍ କମିଶନର୍ ଅନୁ

ଗର୍ଗ ଅଧ୍ୟକ୍ଷତା କରିଥିଲେ । ଇ ପାଣ୍ଡି ଅଧୀନ୍‌ଥି ୨୦୨୩ -୨୪ ବଛ୍‌ରେ ଭିନ୍ ଭିନ୍ ବିଭାଗ୍ ନ କାମ୍ ହଉଥିବା ପ୍ରକଳ୍ପର୍ କାର୍ଯ୍ୟକାରିତା ଉପ୍‌ରେ ସମୀକ୍ଷା କରାଯାଇଥିଲା ।

ଜାତୀୟ ଶିକ୍ଷକ୍ ପୁରସ୍କାର୍ -ଓଡ଼ିଶାର୍ ୨ ଆର୍‌ଏନ୍‌ୟୁ /ସମ୍ବଲପୁର

ଜାତୀୟ ଶିକ୍ଷକ୍ ପୁରସ୍କାର୍ ଲାଗି ଚଲ୍‌ତି ବଛର୍ ରାଜ୍ୟର୍ ଦୁଇ ଝନ୍ ଶିକ୍ଷକ୍ ମନୋନୀତ୍ ହେଇଛନ୍ । କଲାହାଣ୍ଡି ଜିଲ୍ଲା ନର୍ଲାର ଜୟଦୁର୍ଗା ହାଇସ୍କୁଲ୍‌ର ଶିକ୍ଷକ୍ ସନ୍ତୋଷ୍ କୁମାର୍ କର ଆର୍ ରାୟଗଡ଼ା ଜିଲ୍ଲା ବିଲେସୁ ର ସର୍‌କାରୀ ହାଇସ୍କୁଲ୍ ଶିକ୍ଷକ୍ ଦୁତିଚନ୍ଦ୍ର ସାହୁ ଇ ପୁରସ୍କାର୍ ପାଏବେ । ଆଏବା ସେପ୍ଟେମ୍ବର୍ ୫ ତାରିଖ୍ ଗୁରୁଦିବସ୍ ଦିନ ନୂଆଦିଲ୍ଲୀ ନ ଗୁଟେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଇ ଦୁହି ଶିକ୍ଷକଙ୍କୁ ପୁରସ୍କୃତ କର୍‌ବେ ।

ଯୁକ୍ତ ତିନ୍ ନାଁଲେଖା ଆର୍‌ଏନ୍‌ୟୁ /ସମ୍ବଲପୁର

ଯୁକ୍ତ ତିନ୍ - ୨ ନମ୍ବର୍ ଖେପ୍ ନାଁଲେଖାର୍ ସମିଆକେ ଆଏବା ସେପ୍ଟେମ୍ବର୍ ୨ ତାରିଖ୍‌ତକ୍ ବଢ଼ାଯାଇଛେ ବଲି ଉଚ୍ଚଶିକ୍ଷା ବିଭାଗ୍

ତର୍ଫୁ ସୂଚ୍ନା ମିଲିଛେ । ଇନ ଜନେଇ ଦିଆଯାଇପାରେ ଯେ, ଯୁକ୍ତ ୩ - ୨ ନମ୍ବର୍ ଖେପ୍ ଲାଗି ନାଁଲେଖା ଗଲା ୧୨ ତାରିଖ୍‌ନୁ ମୁଲ୍ ହେଇଥିବାର୍ ବେଲେ ଗଲାକାଏଲ୍  ଶେଷ୍ ଦିନ୍ ଥିଲା ।

ଇଏସ୍‌ଆଇ ହସ୍ପିଟାଲ୍-ଶ୍ରମମନ୍ତ୍ରୀ          ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଏଛେନ୍ ୬ ଟା ଇଏସ୍‌ଆଇ ହସ୍ପିଟାଲ୍ ଥିବାର୍ ବେଲେ ଆଉ ୬ ଟା ହସ୍ପିଟାଲ୍ ବନାବାର୍ ଲାଗି କେନ୍ଦ୍ର ସର୍‌କାର୍ ମଞ୍ଜୁରୀ ଦେଇଛନ୍ । ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ଶ୍ରମମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ ଯେ,  ଆଏବା ଦିନେ ଝାର୍‌ସୁଗୁଡ଼ା, ଯାଜ୍‌ପୁର୍, ବାଲେଶ୍ୱର୍, ବ୍ରହ୍ମପୁର୍, ପାରାଦ୍ୱୀପ୍ ଆର୍ ଭୁବ୍‌ନେଶ୍ୱର୍ ନ ୬ ଟା ଇଏସ୍‌ଆଇ ହସ୍ପିଟାଲ୍ ତିଆର୍ ହେବା ।

ପ୍ରଧାନ୍‌ମନ୍ତ୍ରୀ ଜନ୍‌ଧନ୍ ଯୋଜ୍‌ନା      ଆର୍‌ଏନ୍‌ୟୁ /ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ଜନ୍‌ଧନ୍ ଯୋଜ୍‌ନାକେ ଆଏଜ୍ ୧୦ ବଛର୍ ପୁରିଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ଅଗଷ୍ଟ ୨୮ ତାରିଖ୍ ଦିନ ଇ ଯୋଜ୍‌ନାକେ ଜାତୀୟ ଆର୍ଥିକ୍ ଅନ୍ତର୍ଭୁକ୍ତ ମିଶନ୍

ଭାବେ ଶୁଭାରମ୍ଭ କରିଥିଲେ । ବେଙ୍କ୍ ସେବା ସାଙ୍ଗେ ନାଇଁ ଜୁଡ଼ି ହେଇଥିବା ଲୁକ୍‌କୁ ବେଙ୍କ୍ ସାଙ୍ଗେ ଜୁଡ଼୍‌ବାର୍ ଲାଗି ଇ ଯୋଜ୍‌ନା ସାହାଜ୍ ହେଇଛେ । ଇ କାର୍ଯ୍ୟକ୍ରମ୍ ୫୩ କୋଟିନୁ ଅଏତ୍‌କା ଭାରତୀୟଙ୍କର୍ ଜୀବନ୍‌ଥି ସକାରାତ୍ମକ ପରିବର୍ତନ୍ ଆନିଛେ । ମୋଟ୍ ୫୩ କୋଟି ଏକାଉଂଟ୍ ଭିତ୍‌ରୁ ୨୯ କୋଟି ୫୬ ଲାଖ୍ ଟା ଏକାଉଂଟ୍ ମହିଲାମାନ୍‌କର୍ ନାଁଥି ରହିଛେ ବଲି ସୂଚ୍‌ନା ମିଲିଛେ । ଚଲ୍‌ତି ବଛର୍ ଅଗଷ୍ଟ ମାସ୍‌ତକ୍ ଜନ୍‌ଧନ୍ ଏକାଉଂଟ୍‌ଥି ୨ ଲାଖ୍ ୩୧ ହଜାର୍ କୋଟି ଟଙ୍କା ଜମା ରହିଛେ ।

କେନ୍ଦ୍ର ସର୍‌କାର୍-ଗ୍ରାମ ସଡ଼କ୍ ଯୋଜ୍‌ନା  ଆର୍‌ଏନ୍‌ୟୁ /ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ଗ୍ରାମ ସଡ଼କ୍ ଯୋଜ୍‌ନାଥି କେନ୍ଦ୍ର ସର୍‌କାର୍ ନିଜର୍ ଅଂଶ ବାବ୍‌ଦେ ଓଡ଼ିଶାକେ ୨୩ ହଜାର୍ ୬ ଶହ ୮୯ କୋଟି ଟଙ୍କା ଦେଇଛନ୍ । ୨୦୦୧ ମସିହାନୁ ୨୦୨୪ - ୨୫ ଇ ୨୪ ବଛର୍ ଭିତ୍‌ରେ ରାଜ୍ୟକେ ଇ ଟଙ୍କା ମିଲିଛେ ବଲି ସୂଚ୍‌ନା ମିଲିଛେ ।

ମାଲ୍ ପରିବହନ-ପୂର୍ବତଟ ରେଲ୍‌ପଥ     ଆର୍‌ଏନ୍‌ୟୁ /ସମ୍ବଲପୁର

ମାଲ୍ ପରିବହନ୍ କ୍ଷେତ୍ରୁ ପୂର୍ବତଟ ରେଲ୍‌ପଥକେ ସଫଲତା ମିଲିଛେ । ୨୦୨୪-୨୫ ବଛର୍‌ର ଏବ୍‌ତକ୍ ଶହେ ୪୮ ଦିନ୍ ଭିତ୍‌ରେ ପୂର୍ବତଟ ରେଲ୍‌ପଥ ଶହେ ଦଶ୍‌ମିକ୍ ୫୭ ନିୟୁତ ଟନ୍ ମାଲ୍ ପରିବହନ୍ କରିଛେ । ଇ ମାଲ୍ ପରିବହନ୍ କର୍‌ବାର୍ ଲାଗି ଗଲା ଆର୍ଥିକ୍ ବଛ୍‌ରେ ଶହେ ୫୨ ଦିନ୍ ସମୟ ଲାଗିଥିଲା । ଇ ତୁଲନାଥୁ ଚଲ୍‌ତି ବଛର୍ ମାଲ୍ ପରିବହନ୍ ୩ ଦଶ୍‌ମିକ୍ ୩/୭ ପ୍ରତିଶତ୍ ବଢ଼ିଛେ ବଲି ପୂର୍ବତଟ ରେଲ୍‌ପଥ ତର୍‌ଫୁ ସୂଚ୍‌ନା ମିଲିଛେ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ପୂର୍ବ କେନ୍ଦ୍ରୀୟ ଆଉ ଉତର୍ ବଙ୍ଗୋପ୍‌ସାଗର୍ ଆଉ ତାର୍ ଆଖର୍‌ପାଖର୍ ଇଲାକା ନ ଆଏବା କାଏଲ୍ ଗୁଟେ ଲଘୁଚାପ୍ ସୃଷ୍ଟି ହେବା । ଇତାର୍ ପ୍ରଭାବ୍‌ଥୁ ଆଏବା ୪ ଦିନ୍‌ତକ୍ ରାଏଜେ ଜବର୍ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଆଏଜ୍ ସୁନ୍ଦର୍‌ଗଡ଼, ଝାର୍‌ସୁଗୁଡ଼ା, ସମ୍ବଲପୁର୍, ଦେବ୍‌ଗଡ଼୍ ଆର୍ ବର୍‌ଗଡ଼୍ ସହେତେ ରାଜ୍ୟର୍ ୧୭ ଟା ଜିଲ୍ଲାକେ ଜବର୍ ବର୍ଷା ହେବା ବଲି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।